# ସାଇତି ରଖିବା, ସଜାଇ ରଖିବା

ପଦ୍ମଲୋଚନ ପାଲଟାସିଂହ

ସମୟ ଦଶଟା । ଚନ୍ଦନ ଆସି ଡାକ ପକାଇଲା – "ତୁ ଏପର୍ଯ୍ୟନ୍ତ ବାହାରି ନାହୁଁ । ତୋ'ର ସବୁଦିନ ବିଳମ୍ବ ହେଉଛି ।''

ତନ୍ମୟ ବଡ଼ ବ୍ୟସ୍ତ ହୋଇ ଶାର୍ଟ୍ ଖୋଜୁଥିଲା । ଏତିକିବେଳେ ତା' ବୋଉ ଧଳା ଶାର୍ଟ୍‌ଟିଏ ଧରି ସେଠାରେ ପହଞ୍ଚିଲେ । ପଚାରିଲେ – "ପିଜୁଳି ଗଛ ଡାଳରେ ଯାକୁ କିଏ ରଖିଥିଲା ?"

ତନ୍ମୟ ପ୍ରତିଦିନ କ'ଣ ନା କ'ଣ ହଜାଏ । ତାକୁ ଖୋଜିବାରେ ତା'ର ବହୁ ସମୟ ନଷ୍ଟ ହୁଏ । କେଉଁଦିନ ପ୍ୟାଣ୍ଟଶାର୍ଟ୍ ଆଲ୍‌ମାରି ପଛପଟେ ପଡ଼ିଥାଏ ତ କେଉଁଦିନ ଆଲଣାରୁ ଲୁଗାତଳେ ରହିଯାଇଥାଏ । ବହି, ଖାତା, କଲମ, ପେନ୍‌ସିଲ୍, ରବର, ସ୍କେଲ୍– ଯାହା ଖୋଜ, ଖୋଜିଲାବେଳେ ହଠାତ୍ କିଛି ମିଳେ ନାହିଁ ।



ଏଇ ଅସୁବିଧା ବରାବର ଲାଗି ରହିଥାଏ । ଘରୁ ବାହାରିଲା ବେଳକୁ ତନ୍ମୟ ବୋଉ ଉପରେ ରାଗ ତମତମ ହୋଇ ବାହାରେ । ଏଇ କଥା ତା'ର ମାଉସୀ ପୁଅ ଭାଇ ଚନ୍ଦନ ପ୍ରତିଦିନ ଦେଖେ । ହେଲେ ସେ ବ୍ୟସ୍ତ ହୁଏ ନାହିଁ । ତନ୍ମୟ ଠାରୁ ସେ ବୟସରେ ବଡ଼; ସପ୍ତମ ଶ୍ରେଣୀରେ ପଢ଼ୁଛି । ତନ୍ମୟକୁ ସେ ସ୍ନେହ କରେ । ତାକୁ ସାଥିରେ ସ୍କୁଲ୍‌କୁ ଡାକିନେବାର ଦାୟିତ୍ୱ ମାଉସୀ ତାକୁ ଦେଇଛନ୍ତି । ସେଥିରେ ସେ ଆନନ୍ଦିତ । ଘରୁ ବାହାରି ପଡ଼ିଲେ ଦୁହେଁ ଖୁସି ମନରେ ଗପ କରିକରି ସ୍କୁଲ୍‌କୁ ଯାଆନ୍ତି ।

ସେଦିନ ସ୍କୁଲ୍ ଯିବା ବାଟରେ ଚନ୍ଦନ କହିଲା – 'ତନ୍ମୟ ! ତୁ ତୋ ଜିନିଷତକ ସାଇତି କରି ରଖୁ ନାହୁଁ କାହିଁକି ? ଜିନିଷ ସଜାଇ ରଖିଲେ ଖୋଜିବାକୁ ପଡ଼େ ନାହିଁ ।''

ତନ୍ମୟ କହିଲା – "ମୁଁ କ'ଣ ସଜାଡ଼ିକରି ରଖୁ ନାହିଁକି ! ଆମ ଚିନୁ ପରା ସବୁ ଘାଣ୍ଟି ପକାଉଛି।''

ଚନ୍ଦନ ତା'କୁ ବୁଝାଇଲା – "ଯେଉଁମାନେ ନିଜ କାମ ନିଜେ କରନ୍ତି ନାହିଁ, ସେମାନେ ସବୁବେଳେ ଅନ୍ୟକୁ ଦୋଷ ଦିଅନ୍ତି । ଆମ ଶ୍ରେଣୀ ଶିକ୍ଷକ ଦିନେ ଶ୍ରେଣୀରେ ଆମକୁ କହିଲେ- "ଜିନିଷ ସାଇତି ରଖିବା ଗୋଟିଏ କଠିନ କାମ ନୁହେଁ; ଏହା ଗୋଟିଏ ଭାରି ଭଲ ଗୁଣ । ପ୍ରତିଦିନ ଏଥିପ୍ରତି ସାମାନ୍ୟ ଧ୍ୟାନ ଦେଲେ ଏହା ଅଭ୍ୟାସରେ ପଡ଼ିଯାଏ । ଏସବୁ ବୁଝାଇବାକୁ ଯାଇ ଗୁରୁଜୀ ଦିନେ ଆମକୁ କେତୋଟି ସତ ଘଟଣା କହିଥିଲେ।"

ଥରେ ଜଣେ ଭଦ୍ରଲୋକ ରେଳଗାଡ଼ିରେ ଯାଉଥିଲେ। ଟି.ଟି.ଇ. ଆସି ତାଙ୍କୁ ଟିକେଟ୍ ମାଗିଲେ। ଭଦ୍ରଲୋକ ତାଙ୍କ ପକେଟ୍, ଡାଏରୀ, ବ୍ୟାଗ୍ -ସବୁଠା' ଖୋଜିଗଲେ; କିନ୍ତୁ ଟିକେଟ୍ ପାଇଲେ ନାହିଁ । ସେ ଟିକେଟ୍ କରିଛନ୍ତି ବୋଲି ଯେତେ କହିଲେ ମଧ୍ୟ ଟି.ଟି.ଇ. ବିଶ୍ୱାସ କରିବାକୁ ନାରାଜ। ଏଣେ ଯେତିକି ବିଳମ୍ବ ହେଉଥାଏ, ପାଖରେ ବସିଥିବା ଯାତ୍ରୀମାନେ ତାଙ୍କ ଆଡ଼କୁ ସେତିକି ଆଡ଼େଇଆଡ଼େଇ ଅନାଉଥା'ନ୍ତି। ସତେ ଯେପରି ସେ ବାହାନା କରୁଛନ୍ତି। ତାଙ୍କୁ ଅପରାଧୀ ଭଳି ଲାଗିଲା ଏବଂ ବଡ଼ ବାଧିଲା। ସେ ବାଧ୍ୟ ହୋଇ ଆଉ ଥରେ ଟିକେଟ୍ କଲେ। ତା' ସାଙ୍ଗକୁ ଜୋରିମାନା ମଧ୍ୟ ଦେଲେ।

ସେ ଗାଡ଼ିରୁ ଓହ୍ଲାଇ ଘରକୁ ଆସିଲାବେଳେ ବାଟରେ ବ୍ୟାଗ୍ ଭିତରୁ ଟିକେଟ୍ ଖଣ୍ଡିକୁ ପାଇଲେ । ବ୍ୟାଗ୍ ଭିତରେ ଗୋଟିଏ ପକେଟ୍ ଥିଲା । ସେଥିରେ ଟିକେଟ୍‌ଟିକୁ ରଖୁରଖୁ ତାଙ୍କ ଅଜଣାରେ ତାହା ଖଣ୍ଡିଏ ଭାଙ୍ଗ ଭିତରେ ରହି ଯାଇଥିଲା । ସାମାନ୍ୟ ଅଯତ୍ନରୁ ତାଙ୍କୁ ଅପମାନ ଓ ଧନହାନୀ ଉଭୟ ସହିବାକୁ ପଡ଼ିଲା ।

ଯେଉଁ ଜିନିଷଟି ଯେଉଁ ଜାଗାରେ ରହିବା କଥା, ତାକୁ ଠିକ୍ ସେଇ ଜାଗାରେ ରଖିଲେ ଘରଟି ସଫାସୁତର ରହେ, ସ୍ଥାନଟି ସୁନ୍ଦର ଦିଶେ । ଏଭଳି କେତେକ ଜିନିଷ ଅଛି ଯେଉଁଗୁଡ଼ିକ ଯତ୍ନର ସହିତ ସାଇତି ରଖିଲେ, ଭବିଷ୍ୟତରେ ସେଗୁଡ଼ିକ ମୂଲ୍ୟବାନ ସଂଗ୍ରହ ରୂପେ ବିବେଚିତ ହୋଇଥାଏ। ଡାକଟିକେଟ୍, ପୁରୁଣା



ମୁଦ୍ରା, ଶଙ୍ଖ ଓ କଉଡ଼ି ଭଳି ସାମୁଦ୍ରିକ ପଦାର୍ଥ, ପକ୍ଷୀମାନଙ୍କର ପର, ବିଭିନ୍ନପ୍ରକାର ଦୁର୍ଲଭ ପଥର ସଂଗ୍ରହ କଲେ ସେଥିରୁ ଅନେକ କଥା ଜାଣିହୁଏ। ଗୁରୁଜୀ କହୁଥିଲେ ଆମ ରାଜ୍ୟର ଭୁବନେଶ୍ୱରରେ ଗୋଟିଏ ମ୍ୟୁଜିୟମ୍ ବା ସଂଗ୍ରହାଳୟ ଅଛି। ସେଠାରେ ବହୁ ପ୍ରକାର ଜିନିଷ ସଂଗ୍ରହ କରି ସାଇତି ରଖାଯାଇଛି । ପ୍ରତିଦିନ ସେଠାକୁ ବହୁ ଲୋକ ବୁଲି ଦେଖିବାକୁ ଯାଉଛନ୍ତି। ମୁଁ ପରା କେତେଜାତିର ଜିନିଷ ସଂଗ୍ରହ କରି ଆମ ଘରେ ଗୋଟିଏ ଛୋଟ ସଂଗ୍ରହାଳୟ ତିଆରି କରିଛି।

ଏ କଥା ଶୁଣି ତନ୍ମୟ ସେସବୁ ଦେଖିବାକୁ ଆଗ୍ରହ ପ୍ରକାଶ କଲା। ଯେତେବେଳେ ଇଚ୍ଛା ଆମ ଘରକୁ ଗଲେ, ସବୁ ଜିନିଷ ଦେଖାଇଦେବି ବୋଲି ଚନ୍ଦନ ଆନନ୍ଦରେ କହିଲା। ସେହିଦିନ ସନ୍ଧ୍ୟାରେ ତନ୍ମୟ ସବୁ କଥା ତା ବୋଉଙ୍କୁ ଜଣାଇଲା।

ତା' ପରଦିନ ଛୁଟି ଥିଲା। ତନ୍ମୟ ଚନ୍ଦନ ଘରକୁ ବୋଉଙ୍କ ସାଥିରେ ଗଲା । ଗୋଟିଏ ପିଲା ପାଠ ପଢ଼ିବା ସଙ୍ଗେସଙ୍ଗେ ଏତେ ଜିନିଷ ସଂଗ୍ରହ କରିପାରିଛି ଏବଂ ଏତେ ସୁନ୍ଦର ଭାବରେ ସଜାଇ ରଖିଛି ଦେଖି ସେମାନେ ଖୁସି ହୋଇଗଲେ।

ଚନ୍ଦନ ନାନା ପ୍ରକାରର ପଥର, ପଶୁପକ୍ଷୀଙ୍କର ଚିତ୍ର, ପକ୍ଷୀଙ୍କର ପର, ଡାକଟିକେଟ୍, ମୁଦ୍ରା ଇତ୍ୟାଦି ସଂଗ୍ରହ କରିଥିଲା। ସେ ପତ୍ରପତ୍ରିକାରୁ କେତେ ଲେଖା କାଟିକରି ରଖିଛି। ତା'ର ଗୋଟିଏ ଫଟୋ ଆଲ୍‌ବମ୍ ମଧ୍ୟ ଅଛି। ବିଭିନ୍ନ ଚିତ୍ର, ଜିନିଷ ଏବଂ ପରିଷ୍କାରପରିଚ୍ଛନ୍ନ ସାଜସଜ୍ଜା ଦେଖି ତନ୍ମୟକୁ ଭାରି ଭଲ ଲାଗିଲା । ସେ ସେଠାରେ ଅନେକ ପ୍ରକାରର କଣ୍ଢେଇ ବି ଦେଖିଲା । ସେ ପୁଣି ଦେଖିଲା ଚନ୍ଦନର ପ୍ୟାଣ୍ଟଶାର୍ଟ୍ ସୁନ୍ଦର ଭାବରେ ସଜଡ଼ା ହୋଇ ରହିଛି । ତା'ର ସବୁ ବହି ନୂଆପରି ଚିକ୍‌ଚିକ୍ କରୁଛି ।

ମାଉସୀ ଖୁସି ହୋଇ ଚନ୍ଦନକୁ କହି ପକାଇଲେ "ପୁଅ, ତୁ ଘରେ ଗୋଟିଏ ଛୋଟ ସଂଗ୍ରହାଳୟ କରି ଦେଇଛୁ। ତନ୍ମୟ କ'ଣ ଦେଖିବ, ତୋ'ର ସଂଗ୍ରହଗୁଡ଼ିକ ବଡ଼ ମଣିଷ ମଧ୍ୟ ଆସି ଦେଖିବେ । ତନ୍ମୟ ଫଟୋ ଆଲବମ୍ ଓ ଚଢ଼େଇମାନଙ୍କ ଚିତ୍ର ଦେଖିସାରି ଡାକଟିକେଟ୍ ଆଲବମ୍ ଦେଖୁ ଦେଖୁ ବୋଉଙ୍କୁ କହିଲା - "ବୋଉ, ଚିନୁକୁ ଆଣିବା, ସେ ବି ଦେଖିବ । ଏ ସବୁ ଦେଖିଲେ ସେ ଆଉ କିଛି ଫୋପଡ଼ାଫୋପଡ଼ି ଓ ଭଙ୍ଗାରୁଜା କରିବ ନାହିଁ ।"



ବୋଉ କହିଲେ "ତୁ ଏଣିକି ତୋ ଜିନିଷ ସାଇତି ରଖ। ସେ ତାହା ଦେଖୁ, ବଡ଼ ଭାଇଠୁ ସାନଭାଇମାନେ ଅନେକ କଥା ଶିଖନ୍ତି ।"

ଚନ୍ଦନ କହିଲା - "ନିଜ ଜିନିଷ ସାଇତି ରଖିଲେ ଏବଂ ସଜାଇ ରଖିଲେ ତୁ ବୁଝି ପାରିବୁ, ଏଥିରୁ କେତେ ଆନନ୍ଦ ମିଳେ।"

ସାଇତି ରଖିବାର ଅଭ୍ୟାସ ମଣିଷକୁ ଯତ୍ନଶୀଳ, ଦାୟିତ୍ୱବାନ୍ ଓ ଶୃଙ୍ଖଳିତ କରିଥାଏ । ଜଣେ ଯତ୍ନଶୀଳ ଓ ଦାୟିତ୍ୱବାନ ଲୋକ ଜୀବନରେ କେବେ ହାରିଯାଏ ନାହିଁ ।

## ଶିକ୍ଷକଙ୍କ ପାଇଁ ସୂଚନା

- ✔ କୌଣସି ଜିନିଷକୁ ଯଥାସ୍ଥାନରେ ସଜାଡ଼ି ନ ରଖିଲେ କି ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ, ସେ ବିଷୟରେ ପିଲାମାନଙ୍କର ଯଦି କିଛି ଅନୁଭୂତି ଥାଏ, ସେ କଥା ଶିକ୍ଷକ ପଚାରି ଆଦାୟ କରିବେ।
- ✔ ଶିକ୍ଷକ ପାଠ ବାହାରେ ଏଇଭଳି ଆଉ କେତୋଟି ଅନୁଭୂତିର ଉଦାହରଣ ଦେବେ ।
- ✔ ଭୁବନେଶ୍ୱରରେ ଥିବା ରାଜ୍ୟ ସଂଗ୍ରହାଳୟ ବିଷୟରେ ପିଲାମାନଙ୍କୁ ଧାରଣା ଦେବେ ଓ କେବେ ସୁବିଧା ପାଇଲେ ସେଠାକୁ ବୁଲିଯିବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିବେ।
- ✔ ଶ୍ରେଣୀଗୃହରେ ବା ବାରଣ୍ଡାରେ ଯଦି କିଛି ଅସଜଡ଼ା ଜିନିଷ ଥାଏ, ତେବେ ସେଗୁଡ଼ିକୁ ପିଲାମାନଙ୍କ ସାହାଯ୍ୟରେ ସଜାଡ଼ି ଦେବେ । ସଜଡ଼ା ଯିବା ପରେ ସ୍ଥାନଟି କିଭଳି ସୁନ୍ଦର ଦେଖାଗଲା, ସେ ବିଷୟ ପିଲାଙ୍କ ଅନୁଭବକୁ ଆଣିବେ ।

## ଆସ ଜାଣିବା କେତୋଟି ଶବ୍ଦ

ଆଲଣା, ଟି.ଟି.ଇ, ଡାଏରୀ, ଆଲବମ୍, ବାହାନା, ଦୁର୍ଲ୍ଲଭ, ସଂଗ୍ରହାଳୟ

## ଅଭ୍ୟାସ

### ୧. ଆସ କଥାବାର୍ତ୍ତା ହେବା ।

(କ) ତନ୍ମୟ ବ୍ୟସ୍ତ ହୋଇ କ'ଣ ଖୋଜୁଥିଲା ?

(ଖ) କେଉଁମାନେ ସବୁବେଳେ ଅନ୍ୟକୁ ଦୋଷ ଦିଅନ୍ତି ?

(ଗ) କେଉଁ କାରଣରୁ ଭଦ୍ରଲୋକ ଜୋରିମାନା ଦେଲେ ?

(ଘ) ଚନ୍ଦନ କ'ଣ କ'ଣ ସଂଗ୍ରହ କରି ରଖିଥିଲା ?

(ଙ) ରାଜ୍ୟ ସଂଗ୍ରହାଳୟଟି କେଉଁଠାରେ ଅବସ୍ଥିତ ?

### ୨. ଆସ ଉତ୍ତର ଲେଖିବା ।

(କ) ଜିନିଷ ସବୁକୁ ସଜାଇ ନ ରଖିଲେ ଆମର କି କି ଅସୁବିଧା ହୋଇଥାଏ ?

(ଖ) ଘରୁ ବାହାରିଲାବେଳକୁ ତନ୍ମୟ ରାଗ ତମତମ ହୋଇ ବାହାରେ କାହିଁକି ?

(ଗ) ଦୁର୍ଲ୍ଲଭ ପଦାର୍ଥ ଆମେ କାହିଁକି ସଂଗ୍ରହ କରିବା ?

(ଘ) ଚନ୍ଦନର ଘରେ କ'ଣ ସବୁ ଦେଖି ତନ୍ମୟ ଖୁସି ହୋଇଗଲା ?

(ଙ) କୌଣସି ଜିନିଷକୁ ସାଇତି ରଖିଲେ ଆମର କି ଉପକାର ହୁଏ ?

## ୩. ସରଳ ଭାଷାରେ ବୁଝାଇ ଲେଖିବା ।

ଜଣେ ଯତ୍ନଶୀଳ ଓ ଦାୟିତ୍ୱବାନ ଲୋକ ଜୀବନରେ କେବେ ହାରିଯାଏ ନାହିଁ ।

..........................................................................................

..........................................................................................

..........................................................................................

..........................................................................................

..........................................................................................

## ୪. ବିପରୀତ ଅର୍ଥ ବୁଝାଉଥିବା ଶବ୍ଦକୁ ପାଖ ଗାରରେ ଲେଖିବା ।

ମିଛ ..................... ପରିଷ୍କାର .....................

ଯତ୍ନ ..................... ଅପକାର .....................

ସୁବିଧା .....................

## ୫. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ଆଣି ଖାଲି ଜାଗାରେ ଲେଖିବା ।

(କ) ଜିନିଷ ସାଇତି ରଖିବା ଗୋଟିଏ............... କାମ ନୁହେଁ । (ଭଲ, କଠିନ, ଉଚିତ)

(ଖ) ଆମ ରାଜ୍ୟର...............ରେ ଗୋଟିଏ ସଂଗ୍ରହାଳୟ ଅଛି । (କଟକ, ସମ୍ବଲପୁର, ଭୁବନେଶ୍ୱର)

(ଗ) ଯତ୍ନଶୀଳ ଓ ଦାୟିତ୍ୱବାନ ଲୋକ ଜୀବନରେ କେବେ ............. ନାହିଁ।
(ସୁଖୀ ହୁଏ, ବଡ଼ ହୁଏ, ହାରିଯାଏ)

## ୬. ଆସ ତଳେ ଥିବା ଅପୂର୍ଣ୍ଣ ବାକ୍ୟଗୁଡ଼ିକୁ ବହିରୁ ଖୋଜି ପୂରଣ କରିବା ।

(କ) ଜିନିଷ ସାଇତି ରଖିବା ଗୋଟିଏ............................ ।

(ଖ) ସାମାନ୍ୟ ଅଯତ୍ନରୁ ତାଙ୍କୁ.................................. ।

(ଗ) ସେ ପତ୍ରପତ୍ରିକାରୁ କେତେ ଲେଖା......................... ।

(ଘ) ମୁଁ ପରା କେତେ ଜାତିର ଜିନିଷ ସଂଗ୍ରହ କରି ଆମ ଘରେ................................ ।

(ଙ) ବଡ଼ଭାଇଠୁ ସାନଭାଇମାନେ................................ ।

## ୭. ଆସ ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଢ଼ିବା ।

ଦୁର୍ଲ୍ଲଭ ..........................................................................................

ବାହାନା ..........................................................................................

ରାଗ ତମତମ ..........................................................................................

ଦାୟିତ୍ୱ ..........................................................................................

ଅପରାଧୀ ..........................................................................................

୮. ବାକ୍ସ ଭିତରେ ଏହି ପାଠରୁ କିଛି ଶବ୍ଦ ଦିଆଯାଇଛି । ଆସ, ସେଗୁଡ଼ିକୁ ବ୍ୟବହାର କରି ଅନୁଚ୍ଛେଦଟିଏ ଲେଖିବା ।

| | |
|---|---|
| ବିଳମ୍ବ, ଟିକେଟ, ନାରାଜ, ବାଧିଲା, ଡାଏରୀ, ଧନହାନି, ବାହାନା, ଟି.ଟି.ଇ., ମାଗିଲେ, ପକେଟ୍ | .................................................. <br> .................................................. <br> .................................................. <br> .................................................. <br> .................................................. |

୯. 'ପଢ଼ିବା' ଗୋଟାଏ କାମକୁ ବୁଝାଉଛି । ଏଇ କାମଟି କରିବାକୁ କାହାକୁ ଆଦେଶ ଦେଲେ କୁହାଯିବ 'ପଢ଼' । ସେହିଭଳି ତଳଲିଖିତ କାର୍ଯ୍ୟଗୁଡ଼ିକ କରିବା ପାଇଁ ଆଦେଶ ଦେଲେ କ'ଣ ହେବ ଲେଖିବା ।

କରିବା ........................

କହିବା ........................

ଶୁଣିବା ........................

ଯିବା ........................

ଡେଇଁବା........................

ଖୋଜିବା ........................

୧୦. 'ସଫାସୁତୁରା' ପରି ଆଉ କେତୋଟି ଯୋଡ଼ା ଶବ୍ଦ ମନରୁ ଭାବି ଲେଖିବା ।

....................... ....................... .......................

....................... ....................... .......................

....................... ....................... .......................

## ତୁମ ପାଇଁ କାମ

- ତୁମେ ଘରେ କି କି ଜିନିଷ ସାଇତି ରଖିଛ, ତାହାର ଏକ ତାଲିକା କର ।
- ତୁମ ଘର ପାଖରେ ଯଦି କୌଣସି ସଂଗ୍ରହାଳୟ ଥାଏ ତେବେ ସେଠାକୁ ଯାଅ ଏବଂ ସେଠାରେ କି କି ଜିନିଷ ସଜାହୋଇ ରହିଛି, ସେସବୁକୁ ଦେଖି ତାହାର ଏକ ତାଲିକା ନିଜ ଟିପାଖାତାରେ ଲେଖି ରଖ ।
- ତୁମେ ଡାକଟିକେଟ, ଦିଆସିଲି ଖୋଳ ସଂଗ୍ରହ କରି ଏକ ଆଲବମ୍ ପ୍ରସ୍ତୁତ କର ।
- ସୁବିଧା ପାଇଲେ ଭୁବନେଶ୍ୱରରେ ଥିବା ରାଜ୍ୟ ସଂଗ୍ରହାଳୟକୁ ଥରେ ବୁଲିଯାଅ ।